# Akashvani, Sambalpur

# SAMBALPURI NEWS MORNING BULLETIN

# 11 March 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ- ଟ୍ରେନ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ତାମିଲ୍‌ନାଡୁ ନ ୩ ଟା ଅମୃତ୍ ଭାରତ୍ ଟ୍ରେନ୍ ୨ ଟା ଏକ୍ସପ୍ରେସ୍ ଟ୍ରେନ୍ ଆଉ ଗୁଟେ ପେସେଞ୍ଜର୍ ଟ୍ରେନ୍‌ର ଶୁଭାରମ୍ଭ କର୍‌ବେ । ସେଥିର୍‌ଭିତ୍‌ରେ କୋଏମ୍ବାଟୁର୍‌ର ପୋତ୍‌ନୁର୍ ଷ୍ଟେସନ୍‌ନୁ ଧାନ୍‌ବାଦ୍‌କେ ଗୁଟେ ଅମୃତ୍ ଭାରତ୍ ଟ୍ରେନ୍‌ର ଶୁଭାରମ୍ଭ କର୍‌ବେ । ଯେନ୍‌ଟାକି ଓଡ଼ିଶାର୍ ୯ ଟା ଷ୍ଟେସନ୍ ଦେଇକରି ଚଲାଚଲ୍ କର୍‌ବା । ଇ ଟ୍ରେନ୍ ଓଡ଼ିଶାର୍ ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ୍, ବଲାଙ୍ଗିର୍, ବର୍‌ଗଡ୍ ରୋଡ୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ରାଉର୍‌କେଲା ଷ୍ଟେସନ୍ ଦେଇକରି ଯିବାର୍ ସହେତେ ରାଏଜେ ରେଲ୍ ଯୋଗାଯୋଗ୍ ଆଉ ପରିବହନ୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବା ।

ବିଧାନ୍‌ସଭା-ଯୋଗାଣ ବିଭାଗ୍ ଖର୍ଚ୍ଚ ଦାବି/ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ନ ଗଲାକାଏଲ୍ ଖାଦ୍ୟ ଯୋଗାଣ ଆଉ ଖାଉଟି ବିଭାଗ୍‌ର ଖର୍ଚ୍ଚା ଦାବି ବିଲ୍ ପାରିତ୍ ହେଇଯାଇଛେ । ବିଲ୍ ପାରିତ୍ ହେବାର୍ ଆଘୋନୁ ଇ ବାବ୍‌ଦେ ହେଇଥିବା ଆଲୋଚନାଥି ଭାଗ୍ ନେଇକରି ବିଭାଗ୍‌ର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍, ରାଏଜେ ପଞ୍ଜିକରଣ୍ କରିଥିବା ଝନେ ଭିଲ୍ ଚାଷୀର୍ ଟୋକନ୍ ଲେସ୍ସ ନାଇଁ ହୁଏ । ଚାଷୀମାନ୍‌କର୍ ସୁବିଧା ଲାଗି ଟୋକନ୍ ସମିଆ ୧୫ ଦିନ୍ ବଢ଼ାବାର୍‌କେ ଜିଲ୍ଲାପାଲ୍‌ମାନ୍‌କୁ କ୍ଷମତା ଦିଆଯାଇଛେ । ଚାଷୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ସର୍‌କାର୍ କ୍ୱିଂଟାଲ୍ ପିଛା ୩୧ ଶହ ଟଙ୍କାଥି ଧାନ୍ ଘିନୁଛନ୍ । ଇ ବଛର୍ ଏବ୍‌ତକ୍ ମଣ୍ଡି ମାନ୍‌କେ ଧାନ୍ ବିକିଥିବା ଚାଷୀମାନ୍‌କର୍ ଭିତ୍‌ରୁ ୯୬ ପ୍ରତିଶତ୍‌ନୁ ଅଏତ୍‌କା ଚାଷୀଙ୍କୁ ୪୮ ଘଂଟା ଭିତ୍‌ରେ ଧାନ୍ ବିକା ପଏସା ମିଲିଛେ । ରାଜ୍ୟ ଯୋଗାଣ ଲିମିଟେଡ୍ ତର୍‌ଫୁ ଆଏବା ୫ ବଛ୍‌ରେ ନୂଆଁ ଋଣ ଲାଗି ସର୍‌କାର୍ ୧୭ ହଜାର୍ ୫ ଶହ କୋଟି ଟଙ୍କାର୍ ଗେରେଂଟି ଦେଇଛନ୍ । ୧୦ ଲାଖ୍ ମେଟ୍ରିକ୍ ଟନ୍ ସଂରକ୍ଷଣ୍

କ୍ଷମତାର୍ ଗୁଦାମ୍ ଘର୍ ବନାବାର୍‌କେ ଚେରେଷ୍ଟା ଚାଲିଛେ ବଲି ଯୋଗାଣ ମନ୍ତ୍ରୀ କହିଛନ୍ । ମନ୍ତ୍ରୀଙ୍କର୍ ଉତର୍ ଉତ୍‌ରୁ ବିଭାଗ୍‌ର ଖର୍ଚ୍ଚାଦାବି ବିଧାନ୍‌ସଭା ନ ପାରିତ୍ ହେଇଥିଲା ।

ବ୍ୟାଙ୍କର୍ସ କମିଟି ବୈଠକ୍       ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଯାଇଛେ । ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଆଉ ଅତିରକ୍ତ ମୁଖ୍ୟ ଶାସନ୍ ସଚିବ ଦେଓରଞ୍ଜନ୍ କୁମାର୍ ସିଂ ଅଧ୍ୟକ୍ଷତା କରିକରି ବିକଶିତ ଓଡ଼ିଶା ଭିଜନ୍ -୨୦୩୬ ଆଉ ବିକଶିତ ଭାରତ୍ -୨୦୪୭ ଅନ୍‌ସାରେ ଓଡ଼ିଶାର୍ ବେଙ୍କ୍‌ମାନ୍‌କୁ ନିବେଶ୍ ପ୍ରକ୍ରିୟାକେ ସକ୍ରିୟ ଭାବେ ସମର୍ଥନ୍ କର୍‌ବାର୍‌କେ ଋଣ ଅଭିବୃଦ୍ଧିକେ ତହଁକାବାର୍ ଲାଗି ଅନୁରୋଧ୍ କରିଛନ୍ ।

ଶିକ୍ଷା ମନ୍ତ୍ରଣାଳୟ- ୱେବିନାର୍       ଆଇ.ଆଣ୍ଡ୍.ପି.ଆର୍

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା ବଜେଟ୍ ପରର୍ ଜାତୀୟ ସ୍ତରୀୟ ୱେବିନାର୍‌ଥି ଓଡ଼ିଶା ଭାଗ୍ ନେଇକରି ରାଜ୍ୟର୍

ପ୍ରମୁଖ ଶିଳ୍ପ ଆଉ ଅର୍ଥନୈତିକ୍ କରିଡ଼ର୍ ପାଖେ ବିଶ୍ୱବିଦ୍ୟାଳୟ ଟାଉନ୍‌ସିପ୍ ଥାପ୍‌ନା କର୍‌ବାର୍‌କେ ପ୍ରସ୍ତାବ୍ ରଖିଛେ । ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀ ୱେବିନାର୍‌ଥି ଯୋଗ୍ ଦେଇକରି ଓଡ଼ିଶାର୍ ରଣନୈତିକ୍ ଦୂରଦୃଷ୍ଟି ବାବ୍‌ଦେ କହିଥିଲେ । ଉଚ୍ଚଶିକ୍ଷା, ଗବେଷଣା, ନୂତନତା ଆଉ ସହରୀ ବିକାଶ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ବିଶ୍ୱବିଦ୍ୟାଳୟ ଟାଉନ୍‌ସିପ୍ ଗଠନ୍ କର୍‌ବାର୍‌କେ ଶ୍ରୀମତୀ ପାଢ଼ୀ ପ୍ରସ୍ତାବ୍ ରଖିଛନ୍ ।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ /ଆର୍‌ଏନ୍‌ୟୁ/
ସମ୍ବଲପୁର/ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର ତର୍‌ଫୁ ଆଏଜ୍ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ପାଲନ୍ କରାଯାଉଛେ । ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖ୍ ଦିନ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଓଡ଼ିଆ ଭାଷାକେ ଶାସ୍ତ୍ରୀୟ ଭାଷାର୍ ମାଏନ୍‌ତା ଦିଆଯାଇଥିଲା । ଐତିହ୍ୟ ସମ୍ପନ୍ନ, ପାରମ୍ପରିକ୍, ସ୍ୱାଧୀନ୍ ଆଉ ବହୁତ୍ ପୁରାତନ୍ ଭାଷା ଭାବେ ଓଡ଼ିଆ ଭାଷାକେ ସ୍ୱୀକୃତୀ

ଦେବାର୍ ସହେତେ ଭାରତ୍ ସର୍କାର୍ ୬ ନମ୍ବର୍ ଭାଷା ଭାବେ ଓଡ଼ିଆକେ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେଇଥିଲେ । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ପାଲନ୍ କରାଯାଉଛେ । ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ସଭେ ମିଶିକରି ଆମର୍ ଭାଷାର୍ ସ୍ୱତନ୍ତ୍ରତା ଆଉ ଗରିମାକେ ଅକ୍ଷୁର୍ଣ୍ଣ ରଖ୍‌ବାର୍ ଦିଗେ ଚେରେଷ୍ଟା କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ସର୍‌ସତିଆ-ଜି.ଆଇ. ଟେଗ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରର୍ ସର୍‌ସତିଆକେ ଜି.ଆଇ. ଟେଗ୍ ଦେବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଚେରେଷ୍ଟା ମୁଲ୍ ହେଇଯାଇଛେ । ସର୍‌ସତିଆର୍ ଗୁଣବତା ଆଉ ପୁଷ୍ଟିକର ପରୀକ୍ଷଣ୍ ସରିଛେ । ସର୍‌ସତିଆ ତିଆର୍ କରୁଥିବା ପରିବାର୍ ସଙ୍ଗେ ଯୋଗାଯୋଗ୍ କରିକରି ତଥ୍ୟ ସଂଗ୍ରହ ସହେତେ ସନ୍ଦର୍ଭ ତିଆର୍ ହେବାର୍ ଉତ୍‌ରୁ ଜି.ଆଇ. ଟେଗ୍ ଲାଗି

ଆବେଦନ୍ କରାଯାଇଛେ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଲିରାମ୍ ବୋନ୍ଦର୍ କହିଛନ୍ ।

ନାଟକ୍ ଉତ୍ସବ୍ - ରଙ୍ଗସଂଗମ ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ତପସ୍ୱିନୀ ପ୍ରେକ୍ଷାଲୟ ନ ଚାଲିଥିବା ରାଜ୍ୟସ୍ତରୀୟ ନାଟକ୍ ଉତ୍ସବ୍ - ରଙ୍ଗସଂଗମ୍ଥି ଗଲାକାଏଲ୍ ୨ ନମ୍ବର୍ ଦିନେ ପୁରୀର୍ ଶ୍ରୀକ୍ଷେତ୍ର ନାଟ୍ୟଶାଳା ତର୍ଫୁ ନାଟକ୍- 'ସ୍ୱୟମ୍ବର୍' ମଂଚସ୍ଥ ହେଇଥିଲା । ମହୋତ୍ସବ୍ର ୩ ନମ୍ବର୍ ଦିନେ ଆଏଜ୍ କଟକ୍ ମାରାଥନ୍ ଥିଏଟର୍ ତର୍ଫୁ ନାଟକ୍ 'ମୁଖାଗ୍ନି' ପ୍ରଦର୍ଶନ୍ କରାଯିବା ।

ସୁଭଦ୍ରା ଶକ୍ତିମେଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ସଦର୍ ନେସ୍ନାଲ୍ କଲେଜ୍ ପଡ଼ିଆନୁ ଗଲାକାଏଲ୍ ସୁଭଦ୍ରା ଶକ୍ତିମେଳା ଉଦ୍ଘାଟିତ୍ ହେଇଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍ଘାଟନୀ ସମାରୋହଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ଡଲି ମାଝୀ

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ମେଳାଥି ସ୍ୱୟଂ ସହାୟକ ଗୋଷ୍ଠୀମାନ୍କର୍ ତର୍ଫୁ ଭିନ୍ ଭିନ୍ ଷ୍ଟଲ୍ ଜରିଏ ଘର୍କର୍ନା ଦରବ୍, ଖାଏବାର୍ ଦରବ୍ ପ୍ରଦର୍ଶନ୍ କରାଯିବାର୍ ସହେତେ ବିକ୍ରି କରାଯାଉଛେ ।

ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍ନା ବଲାଙ୍ଗିର୍ ସମ୍ବାଦଦାତା

ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍ନାଥି ଗଲାକାଏଲ୍ ବଲାଙ୍ଗିର୍ ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍‌ନୁ ଶହେ ୮୫ ଝନ୍ ବରିଷ୍ଠ ନାଗରିକ ପୁରୀ ଯାତ୍ରା କରିଛନ୍ । ଯାତ୍ରୀମାନ୍କୁ ନେଇକରି ଯାଇଥିବା ୩ ଟା ବସ୍‌କେ ଉପଜିଲ୍ଲାପାଲ୍ ପବିତ୍ର ବେହେରା ଆଉ ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ୍ ମିଶ୍ର ଶୁଭାରମ୍ଭ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ବାଲେଶ୍ୱର୍, ଭଦ୍ରକ୍ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଧୁକା ଗର୍ଡ଼ି ସହେତେ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ରାଜ୍ୟର୍ ବାକି

ଇଲାକା ପାଗ୍ ଶୁଖା ରହେବା । ଆଏବା କାଏଲ୍ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ତର୍‌ଫୁ ଅନୁମାନ୍ କରାଯାଇଛେ ।